# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**15 January – 2026**

# ବାଚସ୍ପତି ସମ୍ମିଳନୀ

କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଜି ନୂଆଦିଲ୍ଲୀର ସଂସଦ ଭବନ ପରିସରରେ କମନୱେଲ୍ଥ ଦେଶ ଗୁଡ଼ିକର ବାଚସ୍ପତି ଏବଂ ପ୍ରିଜାଇଡିଂ ଅଧିକାରୀମାନଙ୍କ ୨୮ତମ ସମ୍ମିଳନୀ ଅନୁଷ୍ଠିତ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମ୍ମିଳନୀକୁ ସମ୍ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି । ଏଥିରେ ରାଜ୍ୟ ଗୁଡ଼ିକରେ ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

# ଅନୁ ଗର୍ଗ-ରିପୋର୍ଟ

ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ତୃଣମୂଳ ସ୍ତରରେ କାର୍ଯ୍ୟକାରୀତା ନେଇ ମୁଖ୍ୟଶାସନ ସଚିବ ଅନୁ ଗର୍ଗ ବିଭାଗୀୟ ସଚିବଙ୍କ ଠାରୁ ରିପୋର୍ଟ ଲୋଡିଛନ୍ତି । ଏନେଇ ଯୋଜନା ଓ ସଂଯୋଜନା ବିଭାଗ ପକ୍ଷରୁ ବିଭିନ୍ନ ବିଭାଗକୁ ପତ୍ର ଲେଖାଯାଇଛି । ପତ୍ରରେ ବିଭିନ୍ନ ଯୋଜନାର କାର୍ଯ୍ୟକାରୀତାକୁ ତ୍ୱରାନ୍ୱିତ କରିବା ସହ ନିୟମିତ ଭାବେ ସମୀକ୍ଷା କରିବାକୁ ସଚିବମାନଙ୍କୁ ପରାମର୍ଶ ଦିଆଯାଇଛି ।

# ଅନୁଗର୍ଗଙ୍କ କନ୍ଧମାଳ ଜିଲ୍ଲା ଗସ୍ତ

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କନ୍ଧମାଳ ଗସ୍ତ କରି ଜିଲ୍ଲାରେ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶକୁ ଗୁରୁତ୍ୱ ଦେବାସହ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ଶ୍ରୀମତୀ ଗର୍ଗ ବୌଦ୍ଧ ଜିଲ୍ଲା ହରଭଙ୍ଗାଠାରେ ଜଳ ବିଶୋଧନ କେନ୍ଦ୍ର ବୁଲି ଦେଖିବା ସହ କାର୍ଯ୍ୟକାରୀ ସଂସ୍ଥାକୁ ପ୍ରକଳ୍ପ ମାଧ୍ୟମରେ ଶୀଘ୍ର ଜଳଯୋଗାଣ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ଇ-ବସ୍ ଚଳାଚଳ

ଯାତ୍ରୀଙ୍କ ସୁରକ୍ଷା ଏବଂ ପରିବେଶ ସଂରକ୍ଷଣକୁ ଦୃଷ୍ଟିରେ ରଖି ଦେଢ଼ଲକ୍ଷରୁ ଅଧିକ କିଲୋମିଟର ଚଳାଚଳ କରିଥିବା ବି.ପି.ଟି.ସି.ଏଲ୍‌ର ୩୦ଟି ପୁରୁଣା ବସ୍‌ଗୁଡ଼ିକୁ ସ୍କ୍ରାପିଂ କରାଯିବ । ଏହା ବଦଳରେ କଟକ-ଭୁବନେଶ୍ୱରରେ ଛୋଟ ଛୋଟ ଇ-ବସ୍ ଚଳାଚଳ କରିବ ବୋଲି ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ କହିଛନ୍ତି । ଭୁବନେଶ୍ୱରରେ ଆମ ବସ୍ ସେବା ସମ୍ପର୍କିତ ଉଚ୍ଚସ୍ତରୀୟ କମିଟି ବୈଠକରେ ଅଧ୍ୟକ୍ଷତା କରି ଶ୍ରୀମତୀ ପାଢ଼ୀ କହିଛନ୍ତି ଗାଡ଼ି ଚାଳନା ପ୍ରଶିକ୍ଷଣ ବିଦ୍ୟାଳୟ ଗୁଡ଼ିକୁ ମଧ୍ୟ ଇ-ବସ୍ ଯୋଗାଇ ଦିଆଯିବ । ବୈଠକରେ ଭାରିଯାନ ଚଳାଚଳ ଦ୍ୱାରା ସଡ଼କ ବ୍ୟବହାରକାରୀଙ୍କ ସୁରକ୍ଷା, ଯାତ୍ରୀ ଅନୁକୂଳ ଆମ ବସ୍ ସେବା ଏବଂ ଚାଳକଙ୍କ ସୁରକ୍ଷା ସମ୍ପର୍କରେ ଆଲୋଚନା ହୋଇଥିଲା ।

## ସମୀକ୍ଷା ବୈଠକ

ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମାଙ୍କ ଅଧ୍ୟକ୍ଷତାରେ ବିଭାଗର ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଛି । ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରଦତ୍ତ ୧୫ଗୋଟି ମାର୍ଗଦର୍ଶିକା ଅନୁଯାୟୀ ବିଭାଗୀୟ କାର୍ଯ୍ୟର ପ୍ରଗତି ଉପରେ ଗୁରୁତ୍ୱ ଦିଆଯାଇଛି । ଏହାସହ ଭିଜନ-୨୦୩୬ ଓ ୨୦୪୭ ଅଧୀନରେ ନିର୍ଦ୍ଧାରିତ ଲକ୍ଷ୍ୟପ୍ରାପ୍ତି ପାଇଁ ବିସ୍ତୃତ ଯୋଜନା ସମ୍ପର୍କିତ ସମୀକ୍ଷା ହୋଇଥିଲା । ବୈଠକରେ ସମସ୍ତ ସରକାରୀ ପତ୍ରାଳାପ ଓ ସୂଚନା ଓଡ଼ିଆ ଭାଷାରେ ଜାରି ବିଭାଗୀୟ ୱେବ୍‌ସାଇଟ୍ ତଥା ଅଭିଯୋଗ ସମାଧାନ ପ୍ରଣାଳୀକୁ ସୁଦୃଢ଼ କରିବା ନେଇ ଆଲୋଚନା ହୋଇଥିଲା ।

## ନୀତି ଆୟୋଗ

ନୂଆପଡା ଗସ୍ତରେ ଆସିଥିବା ନୀତି ଆୟୋଗର କେନ୍ଦ୍ରୀୟ ପ୍ରଭାରୀ ଅଧିକାରୀ ସମର ନନ୍ଦ ଆକାଂକ୍ଷୀ ବ୍ଲକ କୋମନା ବୁଲିବା ସହ ଇଚ୍ଛାପୁରସ୍ଥିତ ମାଣ୍ଡିଆ ପ୍ରକ୍ରିୟାକରଣ କେନ୍ଦ୍ର, ଛତା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, କୋମନା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଆଦି ସ୍ଥାନର ବିକାଶ ପାଇଁ ଜିଲ୍ଲା ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ ।

## କଳାହାଣ୍ଡି ଉତ୍ସବ ଘୁମୁରା

କଳାହାଣ୍ଡି ଜିଲ୍ଲାରେ 'କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୬' ଉଦ୍‌ଘାଟିତ ହୋଇଯାଇଛି । କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ରାଜ୍ୟସଭା ସାଂସଦ ସୁଜିତ

କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲାର ସଂସ୍କୃତିକୁ ବିରବାଦ୍ୟ ଘୁମୁରା ପ୍ରତିନିଧିତ୍ୱ କରେ ବୋଲି କହିଛନ୍ତି ।

## ମଣ୍ଡେଇ ଉତ୍ସବ

ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକର ଚଟା ଗ୍ରାମରେ ଚଟା ମହୋତ୍ସବ ତଥା ମଣ୍ଡେଇ ଉତ୍ସବ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଢେ଼ମ୍‌ସା, ମାଡିଆ, ଘୁମୁରା ଆଦିବାସୀ ଲୋକନୃତ୍ୟ ତଥା ଦେଶିଆ ନାଟକ ଆକର୍ଷଣର କେନ୍ଦ୍ରବିନ୍ଦ ସାଜିଛି ।

## ଭୁବନେଶ୍ୱର ବିମାନ ବନ୍ଦର

ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରରୁ ଗତବର୍ଷ ୫୦ଲକ୍ଷ ୧୫ହଜାର ଯାତ୍ରୀ ଯାତ୍ରା କରିଥିବା ବିମାନ ବନ୍ଦରର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ସୂଚନା ଦେଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଚଳିତବର୍ଷ ଯାତ୍ରୀଙ୍କ ସଂଖ୍ୟା ୬୦ଲକ୍ଷ ଅତିକ୍ରମ କରିବ ବୋଲି ଆଶା କରାଯାଉଛି । ଭୁବନେଶ୍ୱର ବିମାନ ବନ୍ଦରରୁ ବର୍ତ୍ତମାନ ୨୮ଟି ସ୍ଥାନକୁ ବିମାନ ଚଳାଚଳ କରୁଛି ।

## ସଂକ୍ରାନ୍ତି ମିଳନ

ଭଦ୍ରକର ନୂଆବଜାର ଗାନ୍ଧୀପଡ଼ିଆଠାରେ ତିନିଦିନ ଧରି ଚାଲିଥିବା ସଂକ୍ରାନ୍ତିମିଳନ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ସମାରୋହରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଓଡ଼ିଆ ଅସ୍ମିତାକୁ ବଜାୟ

ରଖିବା ପାଇଁ ସଂସ୍କୃତି ଓ ପରମ୍ପରାକୁ ଉଦ୍‌ଜୀବିତ ରଖିବା ଦିଗରେ କାର୍ଯ୍ୟ କରିବାରେ ଯୁବପିଢ଼ିଙ୍କୁ ପରାମର୍ଶ ଦେଇଛନ୍ତି ।

## ଭାରତୀୟ ସେନା ଦିବସ

ଭାରତୀୟ ସେନାର ପରାକ୍ରମ, ସାହସ ଓ ଦେଶପ୍ରତି ସେନାର ବଳିଦାନକୁ ମନେପକାଇ ଆଜି ଭାରତୀୟ ସେନା ଦିବସ ପାଳନ କରାଯାଉଛି । ୧୯୪୯ ମସିହାରେ ପ୍ରଥମ ଭାରତୀୟ କମାଣ୍ଡର ଇନ୍ ଚିଫ୍ ଭାବେ ମଦପ୍ପା କାରିଅପ୍ପାଙ୍କ ନିଯୁକ୍ତି ସ୍ମୃତିରେ ପ୍ରତିବର୍ଷ ଆଜିର ଦିବସକୁ ଭାରତୀୟ ସେନା ଦିବସ ଭାବେ ପାଳନ କରାଯାଇଥାଏ । ଚଳିତବର୍ଷ ଅତ୍ୟାଧୁନିକ ସାମରିକ ପ୍ରଯୁକ୍ତି ବିଦ୍ୟା ଏବଂ ଭାରତୀୟ ସୈନିକଙ୍କ ସାହସିକତାକୁ ସମ୍ମାନ ପ୍ରଦର୍ଶନ ସ୍ୱରୂପ ଏହି ଦିବସ ପାଳନ କରାଯାଉଛି ।

## ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍‌ରେ ରାଞ୍ଚିଠାରେ ଖେଳାଯାଇଥିବା ମ୍ୟାଚ୍‌ରେ କଳିଙ୍ଗ ଲାନ୍ସର୍ସ ୧-୦ ଗୋଲ୍‌ରେ ହାଇଦ୍ରାବାଦ ତୋଫାନ୍ସକୁ ପରାସ୍ତ କରିଛି । ଏହି ବିଜୟ ପରେ କଳିଙ୍ଗ ଲାନ୍ସର୍ସ ୪ଟି ମ୍ୟାଚ୍‌ରୁ ୩ଟି ମ୍ୟାଚ୍‌ରେ ବିଜୟୀ ହୋଇଛି ।

## ଶୀତଲହରୀ

ଉତ୍ତର ପଶ୍ଚିମ ତଥା ଉତ୍ତର ଦିଗରୁ ରାଜ୍ୟକୁ ଥଣ୍ଡା ଶୁଷ୍କ ବାୟୁ ପ୍ରବେଶ କରୁଥିବାରୁ ରାଜ୍ୟରେ ଶୀତର ଲହରୀ ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ଘଣ୍ଟା ମଧ୍ୟରେ

ଶୀତ ବୃଦ୍ଧି ପାଇବା ନେଇ ୧୧ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଗତକାଲି ଜି.ଉଦୟଗିରିଠାରେ ସର୍ବନିମ୍ନ ତାପମାତ୍ରା ୩ ଦଶମିକ ୭ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଥିଲା ।